# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**15 October – 2025**

---

# ମୁଖ୍ୟମନ୍ତ୍ରୀ–ଉଦ୍ଭିଦ ସମ୍ପଦ କେନ୍ଦ୍ର

କେନ୍ଦୁଝରର ସାନଘାଗରାଠାରେ ରାଜ୍ୟର ଦ୍ୱିତୀୟ ଆଞ୍ଚଳିକ ଉଦ୍ଭିଦ ସମ୍ପଦ କେନ୍ଦ୍ର ପ୍ରତିଷ୍ଠା ହେବ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱର ଲୋକସେବା ଭବନରେ ଏ ସଂପର୍କରେ ଜଙ୍ଗଲ ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ ତଥା କେନ୍ଦୁଝର ପ୍ରଶାସନ ସହ ଆଲୋଚନା କରିଛନ୍ତି । ଏହି କେନ୍ଦ୍ର ୧୩୪ ଏକର ପରିମିତ ସ୍ଥାନରେ ପ୍ରତିଷ୍ଠା କରାଯିବ । ଏଥିରେ କେନ୍ଦ୍ର ଜୈବ ବିବିଧତା ସଂରକ୍ଷଣ, ସାମୂହିକ ଗୋଷ୍ଠୀ କେନ୍ଦ୍ର, ଇକୋ ଟ୍ୟୁରିଜିମ୍ ଏବଂ ଗବେଷଣା ଓ ଶିକ୍ଷାର ବିକାଶ ପାଇଁ ପଦକ୍ଷେପ ନିଆଯିବ । ବୈଠକରେ ଏହି ଅଞ୍ଚଳକୁ ବିଶେଷ ପର୍ଯ୍ୟଟନସ୍ଥଳୀ ଭାବେ ମାନ୍ୟତା ଦେବା ଲାଗି ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି ।

---

# ପରିକ୍ରମା ପ୍ରକଳ୍ପ ବୈଠକ

ପୁରୀ ଶ୍ରୀମନ୍ଦିର ପରିଚାଳନା କମିଟି ଅଧ୍ୟକ୍ଷ ଗଜପତି ମହାରାଜା ଦିବ୍ୟସିଂହଦେବଙ୍କ ଅଧ୍ୟକ୍ଷତାରେ ନୀଳାଦ୍ରି ଭକ୍ତ ନିବାସରେ ଅନୁଷ୍ଠିତ ବୈଠକରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ସଂପର୍କରେ ଆଲୋଚନା ହୋଇଛି । ଏ ସଂପର୍କରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡକ୍ଟର ଅରବିନ୍ଦ ପାଢ଼ୀ କହିଛନ୍ତି, ଶ୍ରୀକ୍ଷେତ୍ରକୁ ଏକ ସାଂସ୍କୃତିକ ଏବଂ ଧାର୍ମିକ ସହର ଭାବେ ଗଢ଼ିତୋଳିବା ପାଇଁ ପଦକ୍ଷେପ ନିଆଯାଉଛି ।

V/O

# ସାମୁଦ୍ରିକ ବୋର୍ଡ ବୈଠକ

ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନରେ ଓଡ଼ିଶା ସାମୁଦ୍ରିକ ବୋର୍ଡର ଷଷ୍ଠ ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ ରାଜ୍ୟର ସାମୁଦ୍ରିକ ଐତିହ୍ୟକୁ ପୁନରୁଦ୍ଧାର କରିବା ତଥା ଏକ ଅଗ୍ରଣୀ ଉପକୂଳ ଅର୍ଥନୀତି ଭାବେ ଗଢ଼ି ତୋଳିବା ନେଇ ଗୁରୁତ୍ୱାରୋପ କରାଯାଇଛି । ଶ୍ରୀ ଆହୁଜା ସମାବେଶୀ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ଏବଂ ପ୍ରଯୁକ୍ତି ପରିଚାଳିତ ପଦକ୍ଷେପ ନେବାକୁ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି ।

# ଜେଲ୍ ପରିଦର୍ଶନ

ରାଜ୍ୟରେ ଥିବା ଜେଲ୍‌ଗୁଡ଼ିକରେ ଆରକ୍ଷୀ ଅଧିକ୍ଷକ ଓ ଜିଲ୍ଲାପାଳମାନେ ଅଚାନକ ପରିଦର୍ଶନ କରିବା ନେଇ ରାଜ୍ୟ ଜେଲ୍ ମହାନିର୍ଦ୍ଦେଶକ ସୁଶାନ୍ତ କୁମାର ନାଥ ପତ୍ର ଲେଖିଛନ୍ତି । ଜେଲ୍‌ରେ ସୁରକ୍ଷା ବୃଦ୍ଧି ପାଇଁ ସିସିଟିଭି କ୍ୟାମେରା, ମେଟାଲ୍ ସର୍ଚ୍ଚ ଡିଟେକ୍ଟର ଆଦି ଆଧୁନିକ ଉପକରଣର ବ୍ୟବହାରସଂପର୍କରେ ଯାଞ୍ଚ କରାଯିବ । ଏହା ସହ ନିଶାଦ୍ରବ୍ୟ କାରବାର ଉପରେ ରୋକ୍ ଲଗାଇବା, ଜେଲ୍ ଭିତରେ ଯୋଗ ଏବଂ ମାନସିକ ସ୍ୱାସ୍ଥ୍ୟ ଉପରେ ଗୁରୁତ୍ୱ ଦେବା ସହ ଖେଳକୁ ପ୍ରୋତ୍ସାହିତ କରିବା ନେଇ ପତ୍ରରେ ଉଲ୍ଲେଖ କରାଯାଇଛି ।

# ଆଲୋଚନା

ରାଜ୍ୟରେ ସହରାଞ୍ଚଳ ଯୋଜନା କ୍ଷେତ୍ରରେ ଦୃଢ଼ ସହଯୋଗ ଲାଗି ନଗର ଉନ୍ନୟନ ବିଭାଗ ଏବଂ ଏସୀୟ ଉନ୍ନୟନ ବ୍ୟାଙ୍କ ମଧ୍ୟରେ ଆଲୋଚନା ଅନୁଷ୍ଠିତ ହୋଇଛି । ବିଭାଗୀୟ ସଚିବ ଉଷା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସହରାଞ୍ଚଳ ବିକାଶ ନିମନ୍ତେ ବାଣିଜ୍ୟ ଓ ପରିବହନ ଭଳି ସହଯୋଗୀ କ୍ଷେତ୍ରଗୁଡ଼ିକୁ ବୈଷୟିକ ଓ ଆର୍ଥିକ ସହାୟତା ପ୍ରଦାନ ଉପରେ ଗୁରୁତ୍ୱାରୋପ କରାଯାଇଥିଲା ।

---

# ଇଣ୍ଟରନାଲ୍ ପରୀକ୍ଷା

ରାଜ୍ୟରେ ଆସନ୍ତା ଡିସେମ୍ବର ମାସ ୨୨ ତାରିଖରୁ ଜାନୁଆରୀ ମାସ ୧୫ ତାରିଖ ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟ ଯୁକ୍ତ ଦୁଇ ଇଣ୍ଟରନାଲ୍ ପରୀକ୍ଷା ଚାଲିବ । ସେହିଭଳି ଜାନୁୟାରୀ ମାସ ୧୦ ତାରିଖରୁ ୧୫ ତାରିଖ ପର୍ଯ୍ୟନ୍ତ ଦ୍ୱିତୀୟ ପର୍ଯ୍ୟାୟ ଇଣ୍ଟରନାଲ୍ ପରୀକ୍ଷା ଅନୁଷ୍ଠିତ ହେବ । ଜାନୁୟାରୀ ୨ ରୁ ୧୫ ତାରିଖ ପର୍ଯ୍ୟନ୍ତ ଯୁକ୍ତ ଦୁଇ ପ୍ରାକ୍ଟିକାଲ୍ ପରୀକ୍ଷା ହେବ ବୋଲି ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି ।

---

# ନାମଲେଖା

ରାଜ୍ୟର ଉଚ୍ଚଶିକ୍ଷାନୁଷ୍ଠାନ ଗୁଡ଼ିକରେ ଖାଲି ପଡ଼ିଥିବା ସିଟ୍ ଗୁଡ଼ିକୁ ପୂରଣ କରିବା ପାଇଁ ଆଜିଠାରୁ ସ୍ପଟ୍ ନାମଲେଖା ଲାଗି ଆବେଦନ ଆରମ୍ଭ ହେଉଛି । ଛାତ୍ରଛାତ୍ରୀମାନେ ଆସନ୍ତା ୨୨ ତାରିଖ ପର୍ଯ୍ୟନ୍ତ ଆବେଦନ କରିପାରିବେ । ଆସନ୍ତା ୨୯ ତାରିଖରେ ମେଧା ତାଲିକା ପ୍ରକାଶ ପାଇବା ସହ ଛାତ୍ରଛାତ୍ରୀମାନେ ୩୦ ତାରିଖରେ ନାମ ଲେଖାଇ ପାରିବେ ।

---

## ବନକଲାଗି ନୀତି

**ପୁରୀ** ଶ୍ରୀମନ୍ଦିରରେ ଆଜି କାର୍ତ୍ତିକ କୃଷ୍ଣ ନବମୀ ତିଥିରେ ଶ୍ରୀବିଗ୍ରହମାନଙ୍କର ବନକଲାଗି ନୀତି ଅନୁଷ୍ଠିତ ହେବ। ଦ୍ୱିତୀୟ ଭୋଗମଣ୍ଡପ ଭୋଗ ଶେଷ ହେବା ପରେ ପ୍ରାୟ ସନ୍ଧ୍ୟା ୬ ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ। ଏ ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

---

## ପୋଷଣ ମାସ

ପୋଷଣ ମାସ ୨୦୨୫ ପାଳନ ଉପଲକ୍ଷେ ନୟାଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ବିଭିନ୍ନ ପୁଷ୍ଟିକର ଓ ପୋଷଣ ଖାଦ୍ୟ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମିଶନଶକ୍ତି  ଓ ସୁଭଦ୍ରା ହିତାଧିକାରୀଙ୍କ ଦ୍ୱାରା ପ୍ରସ୍ତୁତ ପୋଷଣ ଓ ପୁଷ୍ଟିକର ଖାଦ୍ୟ ପ୍ରଦର୍ଶନ ସହ ପୁଷ୍ଟିହୀନତା ଦୂର କରିବା ଲାଗି ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

---

## ବିଶ୍ୱ ହାତଧୁଆ ଦିବସ

ଉତ୍ତମ ସ୍ୱାସ୍ଥ୍ୟ ପାଇଁ ହାତଧୁଆର ଗୁରୁତ୍ୱ ସଂପର୍କରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ଆଜି ବିଶ୍ୱ ହାତଧୁଆ ଦିବସ ପାଳନ କରାଯାଉଛି । ଲୋକଙ୍କ ମଧ୍ୟରେ ହାତ ଧୋଇବା ଅଭ୍ୟାସରେ ଉନ୍ନତି ଆଣିବା ପାଇଁ ଏହି ଦିବସ ଉତ୍ସାହିତ କରିଥାଏ । ୨୦୦୮ ମସିହାରେ ବିଶ୍ୱ ହାତଧୁଆ ପାର୍ଟନରସିପ୍ ପକ୍ଷରୁ ପ୍ରଥମେ ଏହି ଦିବସ ପାଳନ କରାଯାଇଥିଲା ।

---

# କର୍ମଶାଳା

ଗଞ୍ଜାମ ଜିଲ୍ଲା ଓଡ଼ଗାଁର **ସମ୍ଭବ**ରେ ଜୈବିକ ଗୁଡ଼ ଉତ୍ପାଦନ ଏବଂ ସ୍ୱଚ୍ଛ ଆଖୁରସ ଉପରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । କର୍ମଶାଳାରେ ପଦ୍ମଶ୍ରୀ ସାବରମତୀଙ୍କ ସମେତ ୪୦ରୁ ଅଧିକ ଚାଷୀ ଓ ଗୁଡ଼ ନିର୍ମାତା ସେମାନଙ୍କ ଅଭିଜ୍ଞତା ବାଣ୍ଟିଥିଲେ । ଜୈବିକ ଚାଷ ଓ ରାସାୟନିକମୁକ୍ତ ଗୁଡ଼ ଉତ୍ପାଦନ ପ୍ରକ୍ରିୟା ବିଷୟରେ କର୍ମଶାଳାରେ ଆଲୋଚନା ହୋଇଥିଲା ।

# ଭସାଣ

କେନ୍ଦ୍ରାପଡ଼ା ଜିଲ୍ଲାର ପ୍ରସିଦ୍ଧ ଗଜଲକ୍ଷ୍ମୀ ଭସାଣ ପର୍ବ ଜାରି ରହିଛି । ୫୦ରୁ ଊର୍ଦ୍ଧ୍ୱ ମେଢ଼ ପୁରୁଣା ବସ୍‌ଷ୍ଟାଣ୍ଡରୁ ବିସର୍ଜନ ଲାଗି ମେଢ଼ ଶୋଭାଯାତ୍ରାରେ ସହର ପରିକ୍ରମା କରୁଛନ୍ତି । ମଧ୍ୟରାତ୍ରି ସୁଦ୍ଧା ୨୦ଟି ମେଢ଼ ବିସର୍ଜିତ ହୋଇଥିବା ଜଣାପଡ଼ିଛି ।

# ରଣ୍‌ଜୀ

କଟକ ବାରବାଟୀ ଷ୍ଟାଡିୟମ୍‌ରେ ଆଜିଠାରୁ ରଣ୍‌ଜୀ ଟ୍ରଫି କ୍ରିକେଟ୍ ପ୍ରତିଯୋଗିତା ୨୦୨୫-୨୬ ଆରମ୍ଭ ହେଉଛି । ଆଜି ପ୍ରଥମ ଦିନରେ ଓଡ଼ିଶା ଓ ବରୋଦା ମଧ୍ୟରେ ମ୍ୟାଚ୍ ଖେଳାଯିବ । ଶୁଭ୍ରାଂଶୁ ସେନାପତି ଓଡିଶା ଦଳର ନେତୃତ୍ୱ ନେଉଛନ୍ତି ।

# ଭଲିବଲ୍ ପ୍ରତିଯୋଗିତା

ଭଦ୍ରକ ଜିଲ୍ଲା ଚରମ୍ପାଠାରେ ଅଣସ୍ତରୀତମ ଓଡ଼ିଶା ରାଜ୍ୟ ବିଦ୍ୟାଳୟ ଭଲିବଲ୍ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଛି । ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ

ସୂରଜ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜ୍ୟରେ କ୍ରୀଡ଼ା ଭିତ୍ତିଭୂମିର ବିକାଶ ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି ।

................................................................................